# Akashvani, Sambalpur

## SAMBALPURI NEWS MORNING BULLETIN

## 10 April 2026 - 6.47- 6.52 am.

---

ରାଜ୍ୟ କେବିନେଟ୍ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଏଜ୍ ସଖାଲ୍ବେଲା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ହେବା । ବୈଠକ୍ଥି ପୂର୍ତ୍ତ, ପଂଚାୟତିରାଜ୍, ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ୍ ଆଉ ଉଚ୍ଚଶିକ୍ଷା ବିଭାଗ୍ ର ୬ ନୁ ୭ ଟା ପ୍ରସ୍ତାବକେ ଅନୁମୋଦନ୍ କରାଯାଇପାରେ ବଲି ଜନାପଡ଼ିଛେ ।

ଗ୍ରାମୋଦୟ ଯୋଜ୍ନା ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ନକ୍ସଲ୍ ପ୍ରଭାବିତ୍ ବର୍ଗଡ୍, ବୌଦ୍ଧ, ବଲାଙ୍ଗିର୍, କଲାହାଣ୍ଡି, କନ୍ଧମାଲ୍, କୋରାପୁଟ୍, ମାଲ୍କାନ୍ଗିରି, ନବରଙ୍ଗ୍ପୁର୍

ନୂଆପଡ଼ା ଆଉ ରାୟଗଡ଼ା ଜିଲ୍ଲା ନ ଗ୍ରାମୋଦୟ କାର୍ଯ୍ୟକ୍ରମ୍‌କେ ତୁର୍‌ତି କାର୍ଯ୍ୟକାରୀ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଇ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଇ ବାବ୍‌ଦେ ଚିଠି ଲେଖିଛନ୍ । ଇଥି ଇସବୁ ଜିଲ୍ଲାମାନ୍‌କେ ଧାରିଜ୍ ସମିଆ ଭିତ୍‌ରେ ଧାରିଜ୍ ଲକ୍ଷ୍ୟ ପୂରଣ୍ ଲାଗି ତୁର୍‌ତି ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ମାସ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଗ୍ରାମୋଦୟ ଯୋଜ୍‌ନାର୍ ଲକ୍ଷ୍ୟ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇଥି ସର୍‌କାରୀ ଯୋଜ୍‌ନା ଆଉ ମୌଳିକ୍ ସୁବିଧା ସୁଯୋଗ୍ ଲୋକ୍‌ମାନ୍‌କର୍ ପାଖିକେ ପୁହୁଁଚାବାର୍ ସହେତେ ଜନସାଧାରଣ୍ ଆଉ ପ୍ରଶାସନ୍ ଭିତ୍‌ରେ ଦୂରତା କମେଇକରି ବିଶ୍ୱାସ୍ ବଢ଼ାଯିବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ମହିଲା ସୁରକ୍ଷା-ସମୀକ୍ଷା ବୈଠକ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍  ମହିଳାମାନ୍‌କର୍ ସୁରକ୍ଷା ବାବଦ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜାତୀୟ ମହିଳା ଆୟୋଗ୍ କମିଶନ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର୍ ଉପସ୍ଥିତିଥି ହେଇଥିବା ବୈଠକ୍‌ଥି ମହିଳାମାନ୍‌କର୍ ସୁରକ୍ଷା, ନିରାପତା ଆଉ ସଶକ୍ତିକରଣ୍ କ୍ଷେତ୍ର ନ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଜାରି ରହିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆଉ ନିଆୟିବାର୍‌କେ ଥିବା ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ମହିଳା ସଶକ୍ତିକରଣ୍ ଆଉ ସୁରକ୍ଷା ଲାଗି ନିଆୟାଇଥିବା ପଦକ୍ଷେପ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଭିନ୍ ଭିନ୍ ବିଭାଗ୍ ଜରିଏ କାର୍ଯ୍ୟକାରୀ ହଉଥିବା ଭିନ୍‌ଭିନ୍ ମହିଳା କୈନ୍ଦ୍ରିକ କାର୍ଯ୍ୟକ୍ରମ୍, ମହିଳାମାନ୍‌କର୍ ଅଧିକାର୍ ଆଉ ଉପଲବ୍ଧ ହେଉଥିବା ସୁବିଧା ବିଷେ ଆଲୋଚନା କରିଥିଲେ । ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର୍ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରତିଷ୍ଠାଗତ ଭିନ୍ ଭିନ୍ ବ୍ୟବସ୍ଥା ଆଉ ଆଗୁଆ ପଦକ୍ଷେପ୍ ମାନ୍‌କେ ପ୍ରଶଂସା କରିଥିଲେ ।

ଓଡ଼ିଆ ପକ୍ଷ-ଲୋକକଲା ଲାଗି ଦିନ୍‌ଟେ  ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ପକ୍ଷ ପାଲନ୍‌ର ୧୦ ନମ୍ବର୍ ଦିନେ ଆଏଜ୍ ରାଏଜେ 'ଲୋକକଲା ଲାଗି ଦିନ୍‌ଟେ' କାର୍ଯ୍ୟକ୍ରମ୍ ହେବା । ଓଡ଼ିଶାର୍ ଲୋକକଲାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ପୁରୀ ଜିଲ୍ଲା ପିପିଲି ଠାନେ ରାଜ୍ୟସ୍ତରୀୟ ଲୋକକଲା ପାଇଁ ଦିନଟିଏ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ପାଖାପାଖି ୮୦ ଟା ସାଂସ୍କୃତିକ୍ ଦଲ୍ ଆଉ ୮ ଶହ ନୁ ଜହ କଲାକାର୍ ପଦଯାତ୍ରାଥି ଯୋଗ୍ ଦେବେ । ଇଥି ଅବକାରୀ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜସ୍ୱ ମେଳା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ପୁଇଁତଲା ତହସିଲ୍ ତର୍‌ଫୁ ରାଜସ୍ୱ ମେଳା ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୧୦

ଟା ପ୍ରାଥମିକ ବିଦ୍ୟାଲୟ ଆଉ ବସୁନ୍ଧରା ଯୋଜ୍‌ନାଥି ୧୬ ଝନ୍ ହିତାଧିକାରୀଙ୍କୁ ଜମି ପଟ୍ଟା ଦେବାର୍ ସହେତେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଲୋକହିତକର ଯୋଜ୍‌ନା ଉପ୍‌ରେ ଆଲୋଚନା କରିଥିଲେ । ଇତାର୍ ଉତାରୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଡିଜିଟାଲ୍ ଜନଗଣନା ରଥର ଶୁଭାରମ୍ଭ କରିଥିଲେ ।

ପୋଷଣ ପକ୍ଷ ମୁଲ୍          ଆଇ ଆଣ୍ଡ ପି.ଆର୍

କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଲୟ ତର୍‌ଫୁ ଗଲାକାଏଲ୍ ଠାନୁ ସାରା ଦେଶେ ପୋଷଣ୍ ପକ୍ଷର ୮ ନମ୍ବର୍ ସଂସ୍କରଣ୍ ଶୁଭାରମ୍ଭ କରାଯାଇଛେ । ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ପୋଷଣ୍ ପଖ୍‌ୱାଡ଼ା-୨୦୨୬ର ଶୁଭାରମ୍ଭ କରିଛନ୍ । ଆଏବା ୨୩ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପୋଷଣ ପକ୍ଷଥି ଶିଶୁର୍ ପହେଲା ୬ ବଛର୍ ଭିତ୍‌ରେ ମସ୍ତିଷ୍କ ବିକାଶ୍ ଉପ୍‌ରେ ସର୍ବାଧିକ୍ ଜୋର୍ ଦିଆଯାଇଛେ । ଇ ଅଭିଯାନ୍ ଖାସ୍ କରି ମା’ ଆଉ ଛୁଆମାନ୍‌କର୍ ଉତମ୍ ପୋଷଣ୍, ଶୂନ୍ ନୁ ୩ ବଛର୍ ବୟସର୍

ଛୁଆମାନ୍‌କର୍ ଲାଗି ପ୍ରାରମ୍ଭିକ୍ ଉଦ୍ଦିପନା, ୩ ନୁ ୬ ବଛର୍ ଛୁଆମାନ୍‌କର୍ ଲାଗି ଖେଲ୍ ଆଧାରିତ୍ ଶିକ୍ଷା, ମୋବାଇଲ୍ ଆଉ ଲେପ୍‌ଟପ୍ ବାଗିର୍ ସ୍କ୍ରିନ୍ ସମୟ କମାବାର୍‌ଥି ଅଭିଭାବକ୍ ମାନ୍‌କର୍ ଭୂମିକା ଆଉ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କର୍ ସଶକ୍ତିକରଣ୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍‌ର ମହିଲା ଶିଶୁ ବିକାଶ୍ ଭବନ୍‌ର ସମ୍ମିଲନୀ କକ୍ଷ ନ ଗୁଟେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ରତ୍ନଭଣ୍ଡାର୍- ଅଲଙ୍କାର୍ ଗନ୍‌ତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର୍‌ର ଅଲଙ୍କାର୍ ଗନ୍‌ତି ପ୍ରକ୍ରିୟାର୍ ଗଲାକାଏଲ୍ ୨ ନମ୍ବର୍ ଦିନେ ପରମ୍ପରା ଅନ୍‌ସାରେ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଧାରିଜ୍ ସମିଆଥି ଉପସ୍ଥିତ୍ ହେଇଥିଲେ । ସେମାନେ ସଖାଲ୍‌ବେଲା ୧୦ ବାଜିକରି ୫୫ ମିନିଟ୍‌ଥି ଶ୍ରୀମନ୍ଦିର୍‌କେ ଯାଇଥିଲେ । ମାଜିଷ୍ଟ୍ରେଟ୍‌ଙ୍କର୍ ଉପସ୍ଥିତିଥି ୧୨ ବାଜିକରି ୫ ମିନିଟ୍‌ଥି ବାହାର ରତ୍ନଭଣ୍ଡାର୍ ଖୁଲାଯାଇଥିଲା । ସେନ ଅଲଙ୍କାର୍ ମାନ୍‌କର୍ ଗନ୍‌ତି କରାଯାଇକରି ଫଟୋଗ୍ରାଫି,

ଭିଡ଼ିଓଗ୍ରାଫି, ଥ୍ରୀଡ଼ି ସ୍କାନିଂ ସହେତେ ଇ-କେଟ୍‌ଲଗ୍ କରାଯାଇଥିଲା ।

ଖେଲ୍‌କୁଦ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ଚାଲିଥିବା ୪ ନମ୍ବର୍ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଲ୍‌କୁଦ୍ ପ୍ରତିଯୋଗିତା-୨୦୨୫-୨୬ ଗଲାକାଏଲ୍ ଉଦ୍‌ଯାପିତ ହେଇଯାଇଛେ । ପ୍ରତିଯୋଗିତାଥି ଏକକ ଆଉ ଦଳଗତ ପ୍ରଦର୍ଶନଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଚମ୍ପିଆନ୍ ଆଉ ଉତ୍କଳ ବିଶ୍ୱବିଦ୍ୟାଳୟ ରନର୍ସ ଅପ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବାକାଏଲ୍‌ତକ୍ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।